# ତେଇଁ ଶୋଇଥିବ ଯିଏ.....

୧୭/୧୧/୧୯୮୮

ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ସରକାର ମେ' ମାସକୁ ଘୁଞ୍ଚେଇ ଦେଇଛନ୍ତି ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏହା ପ୍ରତି ସ୍ପର୍ଶକାତର ମନୋବୃତ୍ତି କିମ୍ବା ଏହାକୁ ଏଡ଼େଇବା ପାଇଁ ଟାଳଟୁଳ ନୀତି ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ପାଇଁ ଆଦୌ ସ୍ପୃହଣୀୟ ନୁହେଁ । କାହିଁକି ଜାନୁଆରୀ ମାସରେ ହେବାକୁ ଥିବା ନିର୍ବାଚନଟି ମେ ମାସକୁ ଘୁଞ୍ଚାଇ ଦିଆଗଲା ସେ ବିଷୟରେ ସରକାର ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଇ ନାହାନ୍ତି । ତେବେ କୁହାଯାଉଛି, ଡିସେମ୍ବର ମାସରେ ଧାନ ଅମଳ ପାଇଁ ଗ୍ରାମାଞ୍ଚଳର କୃଷିଜୀବୀ ନାଗରିକମାନେ ବ୍ୟସ୍ତ ରହୁଥିବା ଦୃଷ୍ଟିରୁ ଏ ସମୟରେ ଏକ ସ୍ଥାନୀୟ ନିର୍ବାଚନ କରାଇବା ଆଦୌ ସମୀଚୀନ ହେବନାହିଁ । ଏହା କିନ୍ତୁ ଆମ ପାଇଁ ଗ୍ରହଣୀୟ ହେଉନାହିଁ । ଧାନ ଅମଳ କେବଳ ଏଇ ବର୍ଷ ପାଇଁ ଡିସେମ୍ବର ମାସରେ ହେଉନାହିଁ, ସବୁବର୍ଷ ଏହି ସମୟକୁ ଧାନଅମଳ ହୋଇଥାଏ । ତେଣୁ ପୂର୍ବରୁ ସରକାର ଯେତେବେଳେ ପଞ୍ଚାୟତ ନିର୍ବାଚନର କାର୍ଯ୍ୟକ୍ରମ ସ୍ଥିର କଲେ ସେତେବେଳେ ଏ ବିଷୟରେ ଅଧିକ ସଚେତନ ହୋଇ ପାରିଥାନ୍ତେ । ସରକାରୀ ସ୍ତରରେ ପଞ୍ଚାୟତ ନିର୍ବାଚନ ବ୍ୟବସ୍ଥା ପ୍ରତି ଖାମଖିଆଲୀ ଏବଂ କାମଚଳା ମନୋବୃତ୍ତି ଆଦୌ ଭଲ ଲକ୍ଷଣ ନୁହେଁ ।

ଏକ ପକ୍ଷରେ ପ୍ରଧାନମନ୍ତ୍ରୀ ଆମ ଜାତୀୟ ଜୀବନର ସବୁ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଆହ୍ୱାନ ଦେଉଥିଲାବେଳେ ଓଡ଼ିଶା ସରକାରଙ୍କର ଏତାଦୃଶ ମନୋବୃତ୍ତି କେବଳ ଯେ ଅସଙ୍ଗତ ତା ନୁହେଁ, ସାମଗ୍ରିକ ଗଣତାନ୍ତ୍ରିକ ଜୀବନ ପ୍ରତି ଏହା ସାଧାରଣରେ ଅନାସ୍ଥାଭାବ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ପ୍ରାୟ ପ୍ରତିଦିନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ, ଗ୍ରାମାଞ୍ଚଳର ଆବଶ୍ୟକତା ଓ ପରାମର୍ଶ ଅନୁଯାୟୀ ଯୋଜନା ପ୍ରଣୟନ, ପଞ୍ଚାୟତ ବ୍ୟବସ୍ଥାର ପୁନର୍ଗଠନ ଆଦି ସଂସ୍କାର ମୂଳକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ ସାଧାରଣ ଜନତାଙ୍କୁ ଜାତୀୟ ପ୍ରଗତିରେ ସର୍ବନିମ୍ନ ସ୍ତରରୁ ସାମିଲ କରିବା ପାଇଁ କହୁଥିବା ବେଳେ ଆମ ସରକାର ପଞ୍ଚାୟତ ନିର୍ବାଚନକୁ ଘୁଞ୍ଚାଇ ଚାଲିଛନ୍ତି ।

ପଞ୍ଚାୟତ ନିର୍ବାଚନ ଘୁଞ୍ଚାଯିବାର ଅସଲ ଉଦ୍ଦେଶ୍ୟ ଯେ ଧାନଅମଳଜନିତ ଅସୁବିଧା ନୁହେଁ, ବରଂ ସଂଖ୍ୟାଧିକ ବିଧାୟକମାନଙ୍କର ବ୍ୟକ୍ତିଗତ ଏବଂ ରାଜନୈତିକ ଦଳର ଆନୁଷ୍ଠାନିକ ଅସୁବିଧା, ଏକଥା କୌଣସି ସଚେତନ ନାଗରିକଙ୍କୁ ଅଛପା ନାହିଁ । ଏ କ୍ଷେତ୍ରରେ ସରକାରୀ ଦଳ ଏବଂ ବିଧାୟକମାନେ ଯେଉଁ ପରିମାଣରେ ଦାୟୀ, ବିରୋଧୀ ଦଳ ଏବଂ ତାଙ୍କର ବିଧାୟକ ମାନେ ମଧ୍ୟ ସମପରିମାଣରେ ଦାୟୀ । କୌଣସି ବିଧାୟକ ବନ୍ଧୁ କେଜାଣି କାହିଁକି ସାଧାରଣ ନିର୍ବାଚନ ଆଗରୁ ପଞ୍ଚାୟତ ନିର୍ବାଚନ ହେବା ପସନ୍ଦକରୁ ନାହାନ୍ତି । କାରଣ ଏହାହେଲେ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ନିର୍ବାଚନ ଆଗରୁ ସେମାନଙ୍କର ନିଜ ନିଜର ଭାବମୂର୍ତ୍ତି, ଦଳୀୟ ସଂଗଠନ ଏବଂ ନିଜନିଜ ଅଞ୍ଚଳରେ କେଉଁ ପରିମାଣରେ ତାଙ୍କର ପତିଆରା ଅଛି, ତା'ର ଏକ ପ୍ରାକ୍-ସମୀକ୍ଷା ହୋଇଯାଇ ପାରିବ । ବିଶେଷକରି ଯେଉଁମାନେ ନିଜ ସଂଗଠନ ଏବଂ ସମ୍ପର୍କ ଅପେକ୍ଷା ଦଳୀୟ ଟିକେଟ୍, ପତାକା ଏବଂ ତଥାକଥିତ ନିର୍ବାଚନହାୱା ଉପରେ ବେଶି ନିର୍ଭର କରି ଆସିଛନ୍ତି, ସେହିମାନେ ଏ ନିର୍ବାଚନକୁ ଅଧିକ ଡରୁଛନ୍ତି । ଆମ ବିଚାରରେ ନିର୍ବାଚନ ସବୁବେଳେ ନିର୍ଦ୍ଧାରିତ ସମୟରେ କରାଯିବା ଉଚିତ, ଏବଂ ଏ ସମ୍ପର୍କରେ ଏକ ବଳିଷ୍ଠ ଓ ସୁସ୍ଥ ପରମ୍ପରା ସୃଷ୍ଟି ହେବା ସର୍ବାଦୌ ବାଞ୍ଛନୀୟ । ସେଥିପାଇଁ ଦଳମତ ନିର୍ବିଶେଷରେ ସରକାରୀ କର୍ତ୍ତୃପକ୍ଷ, ଦଳୀୟ ସଂଗଠକ ଓ କର୍ମକର୍ତ୍ତାମାନେ ଅକୁଣ୍ଠ ସାହାଯ୍ୟ ଓ ସମର୍ଥନ ଯୋଗାଇବା ଉଚିତ । ଏ କ୍ଷେତ୍ରରେ କୌଣସି ପ୍ରକାର ଅନିୟମିତତାକୁ ପ୍ରଶ୍ରୟ ଦେବା ଗଣତାନ୍ତ୍ରିକ ପରମ୍ପରା ପାଇଁ ଆଦୌ ସ୍ପୃହଣୀୟ ହେବନାହିଁ ।

ସବୁଠାରୁ ପରିତାପର ବିଷୟ ଏହି ଯେ ୪ ହଜାରରୁ ଉର୍ଦ୍ଧ୍ୱ ପଞ୍ଚାୟତ ସେକ୍ରେଟାରୀ ମାନେ ଗତମାସଠାରୁ ଜେଲଭରୋ ଆନ୍ଦୋଳନ ଚଳାଇ ରଖିଛନ୍ତି ଏବଂ ଏଥିରେ ସେମାନେ ସେମାନଙ୍କର ଅଭୂତପୂର୍ବ ସଂଗଠନ, ଉତ୍ସାହ, ନ୍ୟାୟପାଇଁ ସଂଗ୍ରାମ କରିବାର ମନୋବୃତ୍ତିର ପରିଚୟ ଦେଇଛନ୍ତି । କିନ୍ତୁ ସରକାରଙ୍କୁ କିମ୍ବା ବିଭାଗୀୟ ମନ୍ତ୍ରୀମାନଙ୍କୁ ସେ ବିଷୟରେ ଚିନ୍ତା କରିବା ପାଇଁ ଫୁରୁସତ ନାହିଁ । ହୁଏତ ନିର୍ବାଚନ ଘୁଞ୍ଚାଇବା ପଛରେ ଏ ଆନ୍ଦୋଳନ ଅନ୍ୟ ଏକ ପ୍ରଧାନ କାରଣ ହୋଇଥାଇ ପାରେ । କିନ୍ତୁ ଯେଉଁଠି ନିର୍ବାଚନକୁ ସହଜରେ ଘୁଞ୍ଚାଇ ଦିଆଯାଇ ସମସ୍ୟାଟିକୁ ଏଡ଼ାଇ ଦିଆଯାଇ ପାରେ, ସେଠି କାହିଁକି ଅଯଥାରେ ସମସ୍ୟା ସମ୍ପର୍କରେ ଭାବି ମନ୍ତ୍ରୀ ମହୋଦୟ ଚିନ୍ତିତ ହେବେ ? କେବଳ କୌତୂହଳର ବିଷୟ ଏହି ଯେ, ମନ୍ତ୍ରୀମାନଙ୍କୁ ବାଦ୍‌ଦେଇ ପ୍ରାୟ ୧୦୦ରୁ ଅଧିକ ବିଧାୟକ ପଞ୍ଚାୟତ ସେକ୍ରେଟାରୀ ମାନଙ୍କର ଦାବୀପ୍ରତି ଲିଖିତ ଭାବେ ସମର୍ଥନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କର ପଞ୍ଚାୟତ-ପ୍ରୀତି ଏବଂ ଶତାଧିକ ବିଧାୟକଙ୍କର ସହାନୁଭୂତି ଦେଖି କେବଳ ଗୋଟିଏ କଥା ମନକୁ ଆସୁଛି, ତେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ?